# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 17 October – 2025

*********************************

## ମୁଖ୍ୟ ସମ୍ବାଦ

- ଜନଜାତି ସମୁଦାୟକୁ ଜାତୀୟ ବିକାଶ ଯାତ୍ରାରେ ଭାଗିଦାରୀ ରଖିବା ସହ ବିକାଶର ଲାଭ ଉଠାଇବାକୁ ରାଷ୍ଟ୍ରପତିଙ୍କ ଆହ୍ୱାନ
- ଓଡ଼ିଶା ଅର୍ଥନୈତିକ କ୍ଷେତ୍ରରେ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଅଧିକ ସୁଦୃଢ଼ କହିଲେ ରାଜ୍ୟପାଳ
- ନୂଆପଡା ଉପନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି ଓ ଆଇନ୍‌ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କଲେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ

ଏବଂ

- 'ଏକ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମ ଅଧୀନରେ  ରାଜ୍ୟସ୍ତରୀୟ ତଦାରଖ କମିଟିର ବୈଠକ ଅନୁଷ୍ଠିତ

# ପ୍ରେସିଡେଣ୍ଟ

ଆଦି କର୍ମଯୋଗୀ ଅଭିଯାନ ପ୍ରତ୍ୟେକ ଆଦିବାସୀ ଗ୍ରାମକୁ ଆତ୍ମନିର୍ଭର ଏବଂ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି ବୋଲି ନୂଆଦିଲ୍ଲୀରେ ଅନୁଷ୍ଠିତ ଆଦିକର୍ମଯୋଗୀ ଅଭିଯାନର ଜାତୀୟ ସମ୍ମିଳନୀରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ  ଏହା କହିଛନ୍ତି।   ଆଦିବାସୀ ସମୁଦାୟ ଜାତୀୟ ବିକାଶ ଯାତ୍ରାରେ ନିଜର ଭାଗିଦାରୀତା ରଖିବା ସହ ବିକାଶର ଲାଭ ଉଠାଇ ଆଦିବାସୀ ଅଞ୍ଚଳ ଗୁଡ଼ିରେ ଏହାର ଉପଲବ୍ଧତା ପହଞ୍ଚାଇବା ପାଇଁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି । ଏ ସମ୍ପର୍କରେ ରାଷ୍ଟ୍ରପତି କହିଛନ୍ତି –

**V/O-1-PRESIDENT-MURMU-ON-SELF-RELIANCE**

ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀ ଜନଜାତୀୟ ଗ୍ରାମ୍ୟ ଭିଜନ ୨୦୩୦କୁ ଦୃଷ୍ଟିରେ ରଖି ଆୟୋଜନ କରାଯାଇଛି । ଏଥିରେ ବିଭାଗୀୟ ମନ୍ତ୍ରୀ ଜୁଏଲ୍ ଓରାମ୍, ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ରାଜ୍ୟ ତଥା କେନ୍ଦ୍ରୀୟ ସଚିବ, ଜିଲ୍ଲା ମାଜିଷ୍ଟ୍ରେଟ୍, ମାଷ୍ଟର ପ୍ରଶିକ୍ଷକ ଏବଂ ଆଦି ସହଯୋଗୀର ପ୍ରତିନିଧି ମଣ୍ଡଳୀ ପ୍ରମୁଖ ଯୋଗଦେଇଥିଲେ ।

# ରାଜ୍ୟପାଳ–ପ୍ରେସ୍‌ମିଟ୍

ଓଡ଼ିଶା ଅର୍ଥନୈତିକ କ୍ଷେତ୍ରରେ ଦେଶର ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଅଧିକ ସୁଦୃଢ଼ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। ଭୁବନେଶ୍ୱରସ୍ଥିତ ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଆଜି ଗଣମାଧ୍ୟମ ପ୍ରତିନିଧିଙ୍କ ସହ ମତବିନିମୟ କାର୍ଯ୍ୟକ୍ରମରେ ରାଜ୍ୟପାଳ କହିଛନ୍ତି, ରାଜ୍ୟର କଳା, ସଂସ୍କୃତି ଏବଂ ଐତିହ୍ୟ ଅନନ୍ୟ। ବିଭିନ୍ନ ବିଭାଗର କାର୍ଯ୍ୟକାରିତା ଏବଂ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ରୂପାୟନ ନେଇ ବିଭାଗୀୟ ଅଧିକାରୀଙ୍କ ସହ ରାଜ୍ୟପାଳ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡକ ଯୋଜନା ଉପରେ ଆଲୋକପାତ କରି ଶ୍ରୀ କମ୍ଭମପାଟି କହିଛନ୍ତି, ୧ ହଜାର ଲୋକସଂଖ୍ୟା ଆଧାରିତ ଗ୍ରାମଗୁଡ଼ିକୁ ଏହି ଯୋଜନା ଅଧୀନରେ ସଡକ ଯୋଗାଯୋଗର ବ୍ୟବସ୍ଥା ରହିଛି। ତେବେ ଏହି ସୀମାକୁ ୫ ଶହ ଲୋକସଂଖ୍ୟା ମଧ୍ୟରେ ସୀମିତ ରଖିବା ପାଇଁ ବିଚାର ବିମର୍ଶ ଜାରି ରହିଛି। ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଖାଲି ପଡିଥିବା କୁଳପତି ପଦବୀ ପୂରଣ ନେଇ ପ୍ରକ୍ରିୟା ଜାରି ରହିଛି ଏବଂ ଖାଲି ପଡିଥିବା ଅଧ୍ୟାପକ ପଦବୀଗୁଡ଼ିକ ଖୁବ୍ ଶୀଘ୍ର ପୂରଣ କରାଯିବ। ୧୯୯୬ ମସିହାରେ ପେସା ଆଇନ୍ ପାରିତ ହୋଇଥିଲେ ମଧ୍ୟ ଏ ସଂକ୍ରାନ୍ତ ନିୟାମାବଳୀ ପ୍ରସ୍ତୁତ କରାଯାଉଛି।

ରାଜ୍ୟପାଳ କହିଛନ୍ତି, ଚିଠା ନିୟମାବଳୀ ପ୍ରସ୍ତୁତ କରାଯାଇ ସମାଜର ବିଭିନ୍ନ ବର୍ଗର ଲୋକଙ୍କଠାରୁ ମତାମତ ଆହ୍ୱାନ କରାଯାଇଛି। ଖୁବ୍ ଶୀଘ୍ର

ନିୟମାବଳୀ ପ୍ରସ୍ତୁତ କରାଯିବ। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ପ୍ରତି ପଞ୍ଚାୟତକୁ ବିଦ୍ୟୁତ୍ ସଂଯୋଗ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ପ୍ରତି ଘରକୁ ବିଜୁଳି ସଂଯୋଗ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ରାଜ୍ୟପାଳ କହିଛନ୍ତି। ପାଇପ୍ ଯୋଗେ ଜଳଯୋଗାଣ କାର୍ଯ୍ୟ ସମଗ୍ର ରାଜ୍ୟରେ ଦ୍ରୁତ ଗତିରେ ଆଗେଇ ଚାଲିଛି।

ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ଏ ଦିଗରେ ୯୫ ପ୍ରତିଶତ ସଫଳତା ହାସଲ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଡକ୍ଟର କମ୍ଭମପାଟି କହିଛନ୍ତି। ରାଜ୍ୟପାଳ କହିଛନ୍ତି, ୨୦୩୬ ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ହାସଲ ଦିଗରେ ଭିତ୍ତିଭୂମି ବିକାଶ ଏବଂ ଶିଳ୍ପ ଅଭିବୃଦ୍ଧି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ।

ଓଡ଼ିଶାରେ ରେଳ ତଥା ସଡକ ଯୋଗାଯୋଗ ପାଇଁ ବ୍ୟାପକ ନିବେଶ କରାଯାଉଛି। ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ଅବସରରେ ମିଳିଥିବା ୧୨ ହଜାର କୋଟି ଟଙ୍କାର ନିବେଶ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ଓଡ଼ିଶା ଅର୍ଥନୈତିକ କ୍ଷେତ୍ରରେ ଆହୁରି ସୁଦୃଢ଼ ହୋଇପାରିବ ବୋଲି ରାଜ୍ୟପାଳ ଆଶା ବ୍ୟକ୍ତ କରିଛନ୍ତି।

ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ଏବେ ଆତ୍ମନିର୍ଭରତା ଆଡକୁ ଗତି କରୁଛି ଏବଂ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର ହୋଇପାରିବ ବୋଲି ରାଜ୍ୟପାଳ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଯକ୍ଷ୍ମାମୁକ୍ତ

ଓଡ଼ିଶା ଗଠନ ଉପରେ ଆଲୋକପାତ କରି ରାଜ୍ୟପାଳ ଏ ଦିଗରେ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି।

## ନୂଆପଡା ଉପନିର୍ବାଚନ

ନୂଆପଡା ନିର୍ବାଚନମଣ୍ଡଳୀରେ ହେବାକୁ ଥିବା ଉପନିର୍ବାଚନ ପାଇଁ ସ୍ଥାନୀୟ ପ୍ରଶାସନିକ ପ୍ରସ୍ତୁତି, ଆଇନ୍‌ଶୃଙ୍ଖଳା ପରିସ୍ଥିତି ଓ ଅନ୍ୟାନ୍ୟ ପ୍ରସଙ୍ଗରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ୍ ଗୋପାଳନ୍ ସମୀକ୍ଷା କରିଛନ୍ତି। ନୂଆପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀକକ୍ଷରେ ଏ ନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ଭାରତର ନିର୍ବାଚନ ଆୟୋଗଙ୍କ ବରିଷ୍ଠ ଅଧିକାରୀମାନେ ଅବାଧ, ନିରପେକ୍ଷ ଓ ଭୟମୁକ୍ତ ନିର୍ବାଚନ ପାଇଁ  ପ୍ରଶାସନ ଓ ପୁଲିସ୍ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ସହ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ଅଭିଯୋଗଗୁଡ଼ିକ ତତ୍କାଳ ସମାଧାନ ପାଇଁ ବୈଠକରେ ଗୁରୁତ୍ୱାରୋପ କରିଥିଲେ। ଉପନିର୍ବାଚନରେ ନିୟୋଜିତ ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ଆରକ୍ଷୀ ବାହିନୀ ନିରପେକ୍ଷ ଭାବେ ଦାୟିତ୍ୱ ନିର୍ବାହ କରି ଗଣତନ୍ତ୍ରକୁ ସୁଦୃଢ଼ ଓ ନିର୍ବାଚନ ଆୟୋଗଙ୍କ ସୁନାମକୁ ପରିବ୍ୟାପ୍ତ କରିବା ପାଇଁ ଶ୍ରୀ ଗୋପାଳନ ପରାମର୍ଶ ଦେଇଛନ୍ତି। ଉପନିର୍ବାଚନ ସମେତ ଦେଶର ୭ଟି ରାଜ୍ୟରେ ହେବାକୁ ଥିବା ଉପନିର୍ବାଚନ ପାଇଁ ଭାରତର ନିର୍ବାଚନ ଆୟୋଗ ପ୍ରାର୍ଥୀମାନଙ୍କର ସମସ୍ତ ପୂର୍ବ ଅପରାଧିକ ତଥ୍ୟ ପ୍ରକାଶ ପାଇଁ ଏକ ନିର୍ଦ୍ଦେଶାବଳୀ  ଜାରି କରିଛନ୍ତି। ଆସନ୍ତା ମାସ ୧୧ ତାରିଖରେ ନୂଆପଡ଼ା ଉପନିର୍ବାଚନ ଅନୁଷ୍ଠିତ ହେବ।

## ଦୁର୍ଘଟଣା

ଜମ୍ମୁ-କାଶ୍ମୀର ସ୍ଥିତ ମା’ ବୈଷ୍ଣୋଦେବୀଙ୍କ ଦର୍ଶନରେ ଯାଇ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୩ ଓଡ଼ିଆ ତୀର୍ଥଯାତ୍ରୀଙ୍କ ମରଶରୀରକୁ ଓଡ଼ିଶା ଆଣିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଜମ୍ମୁ-କାଶ୍ମୀରର କାତ୍ରାଠାରେ ସଡକ ଦୁର୍ଘଟଣାରେ ସୁବର୍ଣ୍ଣପୁର ଜିଲ୍ଲାର ୪ ଜଣ ତୀର୍ଥଯାତ୍ରୀ ଗୁରୁତର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କର ମୃତ୍ୟୁ ହୋଇଥିଲା, ଅନ୍ୟଜଣେ ଜମ୍ମୁସ୍ଥିତ ଏକ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ନୂଆଦିଲ୍ଲୀସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର ନିର୍ଦ୍ଦେଶାଳୟ ଏବଂ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଏହି ପଦକ୍ଷେପ ନିଆଯାଇଛି।

## ଚଞ୍ଚଳ ରାଣା

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ-ବିଡିଏର ୨୭ତମ ଉପାଧ୍ୟକ୍ଷ ଭାବେ ଆଇଏଏସ୍ ଅଧିକାରୀ ଚଞ୍ଚଳ ରାଣା ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ପ୍ରଥମ ଦିନରେ ବିଭାଗର ଅଧିକାରୀମାନଙ୍କ ସହିତ ଭୁବନେଶ୍ୱର ବିକାଶ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

## ମାଇନିଂ କନ୍‌କ୍ଲେଭ୍

ରାଜ୍ୟ ସରକାରଙ୍କ ସହଯୋଗରେ ଭାରତୀୟ ଶିଳ୍ପ ସଂଘ ଦ୍ୱାରା ଝାରସୁଗୁଡ଼ାଠାରେ ଓଡ଼ିଶା ମାଇନିଂ କନ୍‌କ୍ଲେଭ୍-୨୦୨୫ର ଦୁଇଦିନିଆ ଅଧିବେଶନ ଏବଂ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିଳ୍ପ,

ସରକାରୀ ଉଦ୍ୟୋଗରୁ ୨୫୦ରୁ ଅଧିକ ପ୍ରତିନିଧି ଯୋଗଦେଇ ଖଣି ଏବଂ ଶିଳ୍ପ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ।

## ଏକ ପେଡ୍ ମା' କେ ନାମ

ଏକ୍ ପେଡ୍ ମା' କେ ନାମ କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟସ୍ତରୀୟ ତଦାରଖ କମିଟି ବୈଠକ ଗୃହ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଚାରା ରୋପଣର ସୁରକ୍ଷା ଏବଂ ସୁସ୍ଥ ଅଭିବୃଦ୍ଧି ପାଇଁ ସ୍ଥିରୀକୃତ ବିସ୍ତୃତ ନିୟମାବଳୀ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ବ୍ୟାପକ ଚାରାରୋପଣ ପରେ ତ୍ରି-ସ୍ତରୀୟ ନିରୀକ୍ଷଣ ଏବଂ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ପାଇଁ ଗତମାସ ୨୨ ତାରିଖରେ ଏ ସଂକ୍ରାନ୍ତରେ ମିଳିତ ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା। ବୈଠକରେ ମାର୍ଗଦର୍ଶିକା ଉପରେ ବିସ୍ତୃତ ଆଲୋଚନା କରାଯିବା ସହ ଓଆରଏସ୍ଏସି ଆଧାରିତ ମନିଟରିଂ ୱେବ୍ ପୋର୍ଟାଲର ପ୍ରଦର୍ଶନ କରାଯାଇଛି। ଚାରାଗୁଡ଼ିକ ବଞ୍ଚିବା ଉପରେ ନଜର ରଖିବା ପାଇଁ ଏହି ପୋର୍ଟାଲ ଏକକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ।

## ଏମ୍ଏସ୍ଏମ୍ଇ ବୈଠକ

ରାଜ୍ୟ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ-ଏମ୍ଏସ୍ଏମ୍ଇ ବିଭାଗ ପକ୍ଷରୁ କନ୍ଧମାଳ ଜିଲ୍ଲା ଫୁଲବାଣୀଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାରେ ଏମ୍ଏସ୍ଏମ୍ଇ କ୍ଷେତ୍ରରେ ଯୁବବର୍ଗଙ୍କୁ ଅଧିକ ନିଯୁକ୍ତି ପ୍ରଦାନ କରିବା ଦିଗରେ ଆଲୋଚନା ହୋଇଛି।

## ପେନସନ ଅଦାଲତ

**ଖୋର୍ଦ୍ଧା** ଜିଲ୍ଲାସ୍ତରୀୟ ପେନ୍‌ସନ୍ ଅଦାଲତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ତହସିଲ ଏବଂ ଅନ୍ୟାନ୍ୟା ବିଭାଗୀୟ କାର୍ଯ୍ୟାଳୟଗୁଡ଼ିକରେ ଅବସର ଗ୍ରହଣ କରିଥିବା ଅଧିକାରୀ ଏବଂ କର୍ମଚାରୀଙ୍କ ପେନ୍‌ସନ୍ ସଂକ୍ରାନ୍ତରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ସମୀକ୍ଷା କରିଥିଲେ ।

## ଭୀମ ପାହାଡ଼ ମହୋତ୍ସବ

**ବଲାଙ୍ଗିର** ଜିଲ୍ଲା ଦେଓଗାଁ ବ୍ଲକ୍ ଅନ୍ତର୍ଗତ ଭୀମ ପାହାଡ ପାଦଦେଶରେ ଆସନ୍ତା ୨୨ ତାରିଖଠାରୁ ୧୧ତମ **ଭୀମ ପାହାଡ଼ ମହୋତ୍ସବ** ଅନୁଷ୍ଠିତ ହେବ । ୪ ଦିନ ବ୍ୟାପୀ  ଚାଲିବାକୁ ଥିବା ଏହି ମହୋତ୍ସବରେ ପ୍ରତ୍ୟହ ଆଲୋଚନାଚକ୍ର ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## କର୍ମନିଯୁକ୍ତି ଯୋଜନା

**ନୟାଗଡ଼** ଜିଲ୍ଲା ରଣପୁର ବ୍ଲକ୍ ସଭାଗୃହରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ସଂକ୍ରାନ୍ତୀୟ ବ୍ଲକ୍‌ସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଗତ ଆର୍ଥିକବର୍ଷରେ ୨୯ ହଜାର ୬୩୫ଟି ଜବ୍‌କାର୍ଡ ପ୍ରଦାନ କରାଯାଇଥିବାବେଳେ ୧ ଲକ୍ଷ ୬୬ର ହଜାର ୭୦୦ରୁ ଊର୍ଦ୍ଧ୍ୱ ଶ୍ରମଦିବସ ସୃଷ୍ଟି କରାଯାଇଥିବା ଜଣାପଡିଛି ।

## ପୋଷଣମାସ

**ଦେବଗଡ଼** ଜିଲ୍ଲା ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ପୋଷଣମାସ ୨୦୨୫ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶରୀରରେ ପୋଷକତତ୍ତ୍ୱର ଉପକାରିତା ସମ୍ପର୍କରେ ବିଶଦ ଭାବେ ଆଲୋଚନା ହୋଇଥିଲା।

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ମହିଳା ସ୍ନାତକ ମହାବିଦ୍ୟାଳୟରେ ପୋଷଣ ସପ୍ତାହ ପାଳନ କାର୍ଯ୍ୟକ୍ରମରେ କିଶୋରୀ ବାଳିକା, ଗର୍ଭବତୀ ମହିଳା ଏବଂ ଶିଶୁଙ୍କ ପୋଷଣ ସଂକ୍ରାନ୍ତରେ ଆଲୋଚନା ହୋଇଛି।

## ସମୀକ୍ଷା ବୈଠକ

**ନୟାଗଡ଼** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପର୍ଯ୍ୟଟନ ବିକାଶ ପାଇଁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ରଣପୁରସ୍ଥିତ ମଣିନାଗ ପୀଠର ବିକାଶ ସମ୍ପର୍କରେ ସମୀକ୍ଷା କରିଛନ୍ତି। ତଳ ଏବଂ ଉପର ମଣିନାଗ ପୀଠର ବିକାଶ ପାଇଁ ୭ କୋଟି ଟଙ୍କା ମଞ୍ଜୁର ହୋଇଥିବା ସେ କହିଛନ୍ତି। କଣ୍ଟିଲୋ ନୀଳମାଧବ ମନ୍ଦିରର ବିକାଶ ପାଇଁ ପ୍ରସ୍ତାବ ପ୍ରସ୍ତୁତ କରାଯାଇଥିବା ଜିଲ୍ଲାପାଳ କହିଛନ୍ତି। ଭାପୁର ବ୍ଲକ୍ ଅନ୍ତର୍ଗତ ନୀଳକନ୍ଦର ଉଷ୍ମ ପ୍ରସ୍ରବଣ କେନ୍ଦ୍ର, ସାରେଣ୍ଡା-ଟାସେରା ପାହାଡ ଆଦି ପର୍ଯ୍ୟଟନସ୍ଥଳର ବିକାଶ ପାଇଁ ପ୍ରସ୍ତାବ ପ୍ରସ୍ତୁତ ହୋଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଅନୁଷ୍ଠିତ ସମୀକ୍ଷା ବୈଠକରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଉପସ୍ଥିତ ଥିଲେ।

## ତମାଖୁ ଅଭିଯାନ

**ମାଲକାନଗିରି** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ବିଭାଗ ଅଧୀନରେ 'ତମାଖୁ ମୁକ୍ତ ଯୁବ ଅଭିଯାନ ୩.୦' ଆଜି ଆରମ୍ଭ ହୋଇଛି । ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ଏବଂ କୋଟପା ଆଇନ୍‌ର ସକ୍ରିୟ ଅନୁପାଳନ ସୁନିଶ୍ଚିତ କରିବା ସହିତ ଜିଲ୍ଲାରେ ତମାଖୁମୁକ୍ତ ଗ୍ରାମ ଗଠନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସୌମେଶ କୁମାର ଉପାଧ୍ୟାୟ ସୂଚନା ଦେଇଛନ୍ତି । ବିଶେଷକରି ୭ ରୁ ୧୨ ବର୍ଷ ଏବଂ କଲେଜ୍ ପଢୁଥିବା ଯୁବପିଢ଼ିଙ୍କ ମଧ୍ୟରେ ତମାଖୁ ବିରୋଧୀ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି  ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ କହିଛନ୍ତି ।

## ଏମ୍‌ସ୍

ଭାଇରାଲ ଡାଇଗ୍ନୋଷ୍ଟିକ୍‌ସ୍‌ରେ ଉଚ୍ଚମାନର ନିର୍ଣ୍ଣୟ ସେବା, ଗବେଷଣା ଗୁଣବତ୍ତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭୁବନେଶ୍ୱର ଏମସ୍‌ର ଭାଇରାଲ ରିସର୍ଚ୍ଚ ଏବଂ ଡାଇଗ୍ନୋଷ୍ଟିକ୍ ଲାବରୋଟୋରୀକୁ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ରୌପ୍ୟ ପୁରସ୍କାର ପ୍ରଦାନ କରାଯାଇଛି । ଭିଆରଡିଏଲ୍ ବର୍ତ୍ତମାନସୁଦ୍ଧା ୨୦ ହଜାରରୁ ଅଧିକ ରୋଗୀଙ୍କୁ ୫୦ ରୁ ଉର୍ଦ୍ଧ୍ୱ ଭାଇରାଲ ସଂକ୍ରମଣ କ୍ଷେତ୍ରରେ ନିଶୁଳ୍କ ନିର୍ଣ୍ଣୟ ସେବା ପ୍ରଦାନ କରିଛି । ମହାମାରୀ ଓ ଜନସ୍ୱାସ୍ଥ୍ୟ ପରିଚାଳନାରେ ତତ୍କାଳ ରୋଗ ନିର୍ଣ୍ଣୟ ସହାୟତା ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି ।